# ସମସ୍ୟା ସମାଧାନ ପାଇଁ ଏନ୍‌ଏଚ୍‌ଏଆଇ ପିଡିଙ୍କୁ ଦାବିପତ୍ର

**ବଇଣ୍ଡା, ୨।୩(ପରିକ୍ଷିତ ସାହୁ)**



ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ଅନେକ ସମସ୍ୟା ଲାଗି ରହିଥିବାବେଳେ ଏହାର ସମାଧାନ ପାଇଁ ବହୁବାର ଜାତୀୟ ରାଜପଥ ବିଭାଗ ଉଚ୍ଚାଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଗ୍ରାମବାସୀଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି । ଏନେଇ ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଶନିବାର ଗ୍ରାମ ସଭାପତି ରାଜ କୁମାର ଅଗ୍ରୱାଲ, ଉପସଭାପତି ଅରବିନ୍ଦ ସାହୁ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ଜିତେନ୍ଦ୍ର ବେହେରା, ମାନସ ସାହୁ , ବିପିନ ସାହା ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ସମ୍ବଲପୁର ଏନ୍‌ଏଚ୍‌ଏଆଇ ପିଡିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ ଅଛି, କଟକ- ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ କାର୍ଯ୍ୟ କରୁଥିବା ଠିକାସଂସ୍ଥା ବଇଣ୍ଡାଠାରେ ଅତି ନିମ୍ନମାନର କାର୍ଯ୍ୟ କରୁଛି । ବିଶେଷକରି, ଫ୍ଲାଏଓଭର ବ୍ରିଜ କାମ ଚାଲିଥିବାବେଳେ ବିଭାଗୀୟ ଅଧିକାରୀ ତଦାରଖ କରୁ ନ ଥିବାରୁ ଠିକ୍ ଭାବେ କାମ ହେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ଅନେକ ସ୍ଥାନରେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା ଫାଟିଗଲାଣି । ବଇଣ୍ଡା ଚନ୍ଦନ ପୋଖରୀ ୱାଲ ୫୦ ପ୍ରତିଶତ ନିର୍ମାଣ ହୋଇଥିବାବେଳେ ଆଉ ୫୦ ପ୍ରତିଶତ ହେଉନାହିଁ । ଫଳରେ ପୋଖରୀଟି ବ୍ୟବହାର ହେଇପାରୁନାହିଁ। ଠିକାସଂସ୍ଥା ଉକ୍ତ ୱାଲ କାମ ୨୦୨୪ ମସିହା ଫେବୃଆରୀ ମାସରେ ଆରମ୍ଭ କରିଥିବାବେଳେ ବର୍ଷେ ବିତିଯାଇଥିଲେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ସେହିପରି ଜାତୀୟ ରାଜପଥ ନିର୍ମାଣ ହୋଇଥିବା ସର୍ଭିସ ରାସ୍ତାଗୁଡିକ ଶୋଚନୀୟ ହୋଇପଡ଼ିଛି । ରାସ୍ତା ଖାଲଖମା ହୋଇଥିଲେ ମଧ୍ୟ ବିଭାଗ ପକ୍ଷରୁ କଂକ୍ରିଟ କରାଯାଉ ନ ଥିବାରୁ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି। ଏହା ସହ ଜାତୀୟ ରାଜପଥ ଦୁଇ ପାର୍ଶ୍ୱରେ ହାଇମାକ୍ସ ଲାଇଟ୍ ଲଗାଇବା ପାଇଁ ଅଞ୍ଚଳବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଶୀଘ୍ର ଦାବିଗୁଡିକ ପୂରଣ କରା ନ ଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

# ପ୍ରିପେଡ ସ୍ମାର୍ଟ ମିଟର ଲଗାଇବା ବନ୍ଦ ଦାବି

**ଅନୁଗୋଳ, ୨।୩ (ମାନସ ବିଶ୍ୱାଳ)**




ବିଦ୍ୟୁତ ଭଳି ଅତ୍ୟାବଶ୍ୟକ ସେବାକ୍ଷେତ୍ରର ସମ୍ପୂର୍ଣ୍ଣ ଘରୋଇକରଣ ପାଇଁ କେନ୍ଦ୍ର ଭାଜପା ସରକାର ପାର୍ଲାମେଣ୍ଟରେ ଆଗତ କରିଥିବା ବିଦ୍ୟୁତ ସଂଶୋଧନ ବିଲ-୨୦୨୨କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବିଦ୍ୟୁତ ବିତରଣ କମ୍ପାନୀ ଟାଟା ପାୱାର ପକ୍ଷରୁ ବିଦ୍ୟୁତ ଉପଭୋକ୍ତାଙ୍କ ଘରେ ପ୍ରିପେଡ ସ୍ମାର୍ଟ ମିଟର ବସାଇବା ନିଷ୍ପତ୍ତି ସମ୍ପୂର୍ଣ୍ଣ ବାତିଲ କରିବା, ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରସ୍ତାବ ବାତିଲ କରିବା, ଅଧିକ ବିଦ୍ୟୁତ ଶୁଳ୍କ ନିର୍ଦ୍ଧାରଣ ପ୍ରସ୍ତାବ ବାତିଲ କରିବା, ବିଦ୍ୟୁତ ଶୁଳ୍କ ଆଦାୟ ନାଁରେ ଉପଭୋକ୍ତାଙ୍କ ଉପରେ ଜୁଲୁମ ବନ୍ଦ କରିବା, ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ୟୁନିଟ ଦେୟମୁକ୍ତ ବିଦ୍ୟୁତ ଯୋଗାଇଦେବା ଦାବିରେ ଅଲ ଇଣ୍ଡିଆ ଇଲେକ୍ଟ୍ରିସିଟି କଞ୍ଜ୍ୟୁମର୍ସ ଆସୋସିଏସନ ପକ୍ଷରୁ ଆସନ୍ତା ୪ ତାରିଖରେ ସଂସଦ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଜନସ୍ୱାର୍ଥ ବିରୋଧୀ ବିଦ୍ୟୁତ ସଂଶୋଧନ ବିଲ-୨୦୨୨କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ଦାବିରେ ଅନୁଷ୍ଠିତ ହେଉଥିବା ବିକ୍ଷୋଭରେ ଅନୁଗୁଳ ଜିଲ୍ଲାରୁ ଶତାଧିକ ଉପଭୋକ୍ତା ଅଂଶଗ୍ରହଣ କରିବେ ବୋଲି ଏଆଇଇସିଏର ରାଜ୍ୟ ଆବାହକ ଜୟସେନ ମେହେର, ସର୍ବଭାରତୀୟ କମିଟି ସଭ୍ୟ ପ୍ରହଲ୍ଲାଦ ଚନ୍ଦ୍ର ସାହୁ ଏବଂ ଜିଲା ଆବାହକ ତୀର୍ଥବାସୀ ଭୋଇ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଓଏସ୍‌ଆର୍‌ଟିସି ବସ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**କାମାକ୍ଷାନଗର, ୨।୩(ସୁଧୀର କୁମାର ପରିଡ଼ା)**

କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥ ବାଉଁଶପାଳ ଛକ ନିକଟରେ ରବିବାର ସକାଳେ ଓଏସ୍‌ଆର୍‌ଟିସି ବସ ଧକ୍କାରେ ସେହି ଗ୍ରାମର ଫକୀର ମୋହନ ଷେଣ୍ଢ (୪୫) ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଫକୀର ନିଜ ଘର ବାଉଁଶପାଳରୁ ଏକ ବାଇକ୍ ଯୋଗେ ତାଳଚେର ଯାଉଥିବାବେଳେ ବାଉଁଶପାଳ ଛକରେ କେନ୍ଦୁଝରରୁ ଭୁବନେଶ୍ୱର ଯାଉଥିବା ଓଏସ୍‌ଆର୍‌ଟିସି ବସଟି ଧକ୍କା ଦେଇଥିଲା। ଫଳରେ ତାଙ୍କର ଗୋଡ଼ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ସ୍ଥାନୀୟ ଲୋକେ ଉଦ୍ଧାରକରି ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। କ୍ଷତିପୂରଣ ଦାବିରେ ସ୍ଥାନୀୟଲୋକେ ବସକୁ ଅଟକ ରଖିଛନ୍ତି। ଖବରପାଇ କାମାକ୍ଷାନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।

# ୫ ନମ୍ବର ୱାର୍ଡ ପାର୍କ ବନ୍ଦ

**ଚମ୍ପୁଆ, ୨।୩(ମହେଶ୍ୱର ଦାସ)**

ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନରେ କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ୫ ନମ୍ବର ୱାର୍ଡରେ ଜନସାଧାରଣଙ୍କ ନିମନ୍ତେ ନିର୍ମିତ ପାର୍କ ଏକ ପ୍ରକାର ବନ୍ଦ ହୋଇଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ପାର୍କର ସାମଗ୍ରୀ ଭାଙ୍ଗିରୁଜି ଗଲାଣି। ଜିମ୍ ସରଞ୍ଜାମ ଖୋଲି ଦିଆଯାଇଛି। ପ୍ରଶାସନର ଆନ୍ତରିକତା ଅଭାବରୁ ୪୦ ଲକ୍ଷରେ ନିର୍ମିତ ପାର୍କ ମାତ୍ର ୨ ବର୍ଷରେ ବନ୍ଦହେବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନରେ ଏନ୍‌ଏସି ୫ନମ୍ବର ୱାର୍ଡରେ ଜନସାଧାରଣଙ୍କ ନିମନ୍ତେ ପାର୍କ ନିର୍ମାଣ ହୋଇଥିଲା। ଆର୍ଥିକ ବର୍ଷ ୨୦୨୨ରେ ଅଲିନଗର ଓ ଗୋଧୂଳୀ ସୀମାରେ ୧୦ଲକ୍ଷ ଟଙ୍କାର ପାଚେରି ନିର୍ମାଣ କରାଯିବା ସହ ଆନୁଷଙ୍ଗିକ ଉପକରଣକୁ ମିଶାଇ



ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ପାର୍କ ନିର୍ମାଣ କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ପାର୍କ ଅସାମାଜିକ ଲୋକଙ୍କ ଆଡ୍ଡା ପାଲଟିଯାଇଛି। କର୍ମଚାରୀଙ୍କ ଅନୁପସ୍ଥିତିରେ ପାର୍କ ମଧ୍ୟରେ ଆନୁଷଙ୍ଗିକ ବ୍ୟବସ୍ଥା ଉଜୁଡ଼ିଯାଇଥିବା ସହିତ ପାଣି ଟ୍ୟାପ୍, ଏପରିକି ଜନସାଧାରଣଙ୍କ ପାଇଁ ଉର୍ଦ୍ଦିଷ୍ଟ ସିମେଣ୍ଟ ବେଞ୍ଚ ଭାଙ୍ଗି ଯାଇଛି। ୱାର୍ଡବାସୀଙ୍କ ଆମୋଦ ପ୍ରମୋଦ ସହିତ ଜିମ୍‌ର ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ପ୍ରତି ବଦଳରେ ଏନ୍‌ଏସି ପକ୍ଷରୁ ଉକ୍ତ ପାର୍କରେ ଲାଗିଥିବା ବିଭିନ୍ନ ଜିମ୍ ସରଞ୍ଜାମ ଖୋଲି ନିଆଯାଇଛି। କାର୍ଯ୍ୟକ୍ଷମ ହେବାର ବର୍ଷେ ନ ପୂରୁଣୁ ବନ୍ଦ କରାଯିବା ୱାର୍ଡବାସୀଙ୍କୁ ବିଚଳିତ କରିଛି। ବହୁ ଲକ୍ଷ ଟଙ୍କା ପାଣିରେ ପଡ଼ିଛି। ଭବିଷ୍ୟତରେ ଏଠାରେ ଚାରାରୋପଣ କରାଯିବ ବୋଲି ସିଟି ମ୍ୟାନେଜର ଅନନ୍ତ ଚରଣ ସାହୁ ସୂଚନା ଦେଇଛନ୍ତି।

# ପରିବେଶ ସୁରକ୍ଷା ନେଇ ସାଇକେଲ ଯାତ୍ରା

**ଆଠମଲ୍ଲିକ, ୨।୩ (ଉଦିପ୍ତ ପୁରୋହିତ)**

ସାଇକେଲ ଚଲାଇ ପରିବେଶ ବଞ୍ଚାନ୍ତୁ ବାର୍ତ୍ତାନେଇ ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଡିମିରିମୁଣ୍ଡା ଗ୍ରାମର ଯୁବକ ଶୁଭମ ବାରିକ (୨୧) ରାଜ୍ୟର ସମସ୍ତ ଜିଲାକୁ ସାଇକେଲ୍ ଯାତ୍ରାରେ ବାହାରି ରବିବାର ଆଠମଲ୍ଲିକରେ ପହଞ୍ଚିଥିଲେ। ଗତ ୨୭ ଡିସେମ୍ବର ୨୦୨୪ ମସିହାରେ ନିଜ ଗ୍ରାମରୁ ଆରମ୍ଭ କରିଥିବା ଏହି ସାଇକେଲ୍ ଯାତ୍ରାରେ ୨୫ ଜିଲାକୁ ଅତିକ୍ରମ କରିସାରିଲେଣି ଶୁଭମ। ସାରା ରାଜ୍ୟ ବୁଲିବା ଅବସରରେ କୋରାପୁଟ, ମାଲକାନଗିରି ଓ ମୟୂରଭଞ୍ଜ ଜିଲାରେ ପରିବେଶ ଓ ଲୋକଙ୍କ ଭଲପାଇବା ସବୁଠୁ ଅଧିକା ଖୁସି ଆଣିଦେଇଥିଲା ବୋଲି କହିଛନ୍ତି ଶୁଭମ୍। ଘରୁ ବାହାରିବା ସମୟରେ ତାଙ୍କ ନିକଟରେ ଟଙ୍କା ନ ଥିଲେ ମଧ୍ୟ ସବୁସ୍ଥାନରେ ଲୋକଙ୍କ ସାହାଯ୍ୟ, ସହଯୋଗ ଓ ଭଲପାଇବା କାରଣରୁ ୨ ମାସରୁ ଉର୍ଦ୍ଧ୍ୱ ସାଇକେଲ୍ ଚଳାଇଥିଲେ ମଧ୍ୟ ଶରୀର ଓ ସ୍ୱାସ୍ଥ୍ୟ ଠିକ ଥିବା କଥା ବଖାଣି ଥିଲେ ଶୁଭମ୍।

# ୪୨ତମ ଅଷ୍ଟପ୍ରହର ନାମଯଜ୍ଞ

**ଢେଙ୍କାନାଳ, ୧।୩(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ମଣ୍ଡାପାଳ ଗ୍ରାମରେ ଶନିବାର ଶ୍ରୀଶ୍ରୀ ରାଧାକୃଷ୍ଣଙ୍କର ଅଷ୍ଟପ୍ରହର ନାମଯଜ୍ଞ ମହାସମାରୋହରେ ପାଳିତ ହୋଇଯାଇଛି । ଦୀର୍ଘ ୪୨ବର୍ଷ ହେବ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଗ୍ରାମରେ ଏକ ଗଣପର୍ବ ଭାପରେ ପରିଣତ ହୋଇଛି। ଆଂଚଳିକ ୩୪ମଣ୍ଡଳୀ, ସଂକିର୍ତନ ମଣ୍ଡଳୀ ଓ ମା ମାନଙ୍କୁ ନେଇ ନାମଯଜ୍ଞ ପରିଚାଳିତ ହେଉଛି । ଅପରାହ୍ନ ୪ଟାରେ ତୁଳସୀ ଯାତ୍ରା ଅନୁଷ୍ଠିତ ହୋଇ ଗୋଧୂଳି ସମୟରେ କଳସ ଯାତ୍ରା ସମାପନ କରାଯାଇଥିଲା । ରବିବାର ସକାଳ ୬ଟାରୁ ଅଖଣ୍ଡନାମ ଆରମ୍ଭ ହୋଇ ୩ ତାରିଖ ସୋମବାର ସକାଳ ୬ଟା ପର୍ଯ୍ୟନ୍ତ ଚାଲୁ ରହିବ । ସୋମବାର ଦିନ ୧ଟାଠାରୁ ନଗର ପରିକ୍ରମା ଆରମ୍ଭ କରି ଅପରାହ୍ନ ୪ଟାରେ ଦଧିହାଣ୍ଡି ଭଙ୍ଗାଯିବ । ଏହାପରେ ପ୍ରସାଦ ସେବନ ଅନୁଷ୍ଠିତ ହେବ ।। ପୁରୋଧା ଭାବେ ପ୍ରଦୀପ କୁମାର ଦାସ, ବୈଷ୍ଣବ ବାଉରୀବନ୍ଧୁ ଦାସ, ଗ୍ରାମ ସଭାପତି ଧରଣୀଧର ବ୍ରହ୍ମଙ୍କ ସମେତ ପ୍ରାଣବନ୍ଧୁ ବ୍ରହ୍ମ, ସୁଦର୍ଶନ ବରାଳ, ଦତ ବ୍ରହ୍ମ, ମହେନ୍ଦ୍ର ପ୍ରଧାନ, ଡାକ୍ତର ବ୍ରହ୍ମ, ବିପିନ ବରାଳ, ନାରାୟଣ ବ୍ରହ୍ମ, ସନାତନ ବରାଳ, ପ୍ରମୋଦ ବରାଳ ପ୍ରମୁଖ ଗ୍ରାମବାସୀ ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି ।

# ବେଆଇନ ଇଟାଭାଟି ଯୋଗୁ ପରିବେଶ ଦୂଷିତ



**ସନ୍ତ୍ରୀଛକ, ୨।୩(ସନ୍ତୋଷ କୁମାର ପରିଡ଼ା)**

ଢେଙ୍କାନାଳ ଜିଲା ଓଡ଼ପଡ଼ା ତହସିଲ କମଳାଙ୍ଗ, ମାନପୁର ଅଞ୍ଚଳରେ ବେଆଇନ ମାଟି ଇଟାଭାଟି ଦିନକୁ ଦିନ ଦ୍ରୁତ ଗତିରେ ଗଢିଉଠିଛି। ପ୍ରକାଶ ଥାଉକି, ଏହି ଅଞ୍ଚଳରେ ମାଫିଆମାନେ ନନ୍ଦିରା ନାଳ ଓ ବ୍ରାହ୍ମଣୀ ନଦୀରୁ ପାଣି, ବାଲି ଓ ତାଳଚେର ଅଞ୍ଚଳରୁ ଚୋରା କୋଇଲା ନେଇ ଏହି ଭଳି ଇଟାଭାଟି ମାନ ଗଢ଼ିତୋଳନ୍ତି। ବିଗତ ବର୍ଷମାନଙ୍କରେ ନାଳି ଇଟାଭାଟିରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ୨ଟି ଭାଟିରେ ୪ ଜଣଙ୍କର ପ୍ରାଣହାନି ଘଟିଛି। ମାଫିଆମାନେ ହାତଗୁଞ୍ଜା ଦେଇ ଏଇଭଳି ବର୍ଷବର୍ଷ ଧରି ଏହି ବେପାରରେ ଲିପ୍ତ ରହିଥିବାରୁ ପରିବେଶ ଦୂଷିତ ହେବା ସଙ୍ଗେସଙ୍ଗେ ଭାଟିରେ କାମ କରୁଥିବା ଶ୍ରମିକଙ୍କ ପ୍ରାଣହାନି ଘଟୁଛି ବୋଲି ସ୍ଥାନୀୟ ଅଞ୍ଚଳ ଅଧିବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ସରକାର ନଜର ଦେବା ପାଇଁ ସ୍ଥାନୀୟ ଅଧିବାସୀମାନେ ନିବେଦନ କରିଛନ୍ତି।

# ଗ୍ରାମାଞ୍ଚଳ ରାସ୍ତା ଅବରୋଧକୁ ନେଇ ଅସନ୍ତୋଷ

**ବଇଣ୍ଡା, ୨।୩(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବାମୁର ପଞ୍ଚାୟତ ଭାଙ୍ଗମୁଣ୍ଡା ଗ୍ରାମକୁ ଯାଇଥିବା ପଞ୍ଚାୟତିରାଜ ବିଭାଗ ରାସ୍ତାଗୁଡିକ କିଛିଦିନ ହେବ ରାତିରେ ଅବରୋଧ ହେଉଥିବା ଅଭିଯୋଗ ହୋଇଛି । ଗ୍ରାମକୁ ଯାଇଥିବା ରାସ୍ତାରେ ପ୍ରତିଦିନ କାଠଗଣ୍ଡି ଓ ପଥରଦେଇ ଅବରୋଧ କରୁଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏନେଇ ରବିବାର ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ ପ୍ରମୁଖ କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପତ୍ରରେ ଉଲ୍ଲେଖ ଅଛି, ବାମୁର ପଞ୍ଚାୟତରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଟୋଲଗେଟ୍ ନିର୍ମାଣ କରାଯାଇଛି । ଏପରିକି ଏହି ଟୋଲଗେଟ୍ ସଂସ୍ଥା ପକ୍ଷରୁ କିଛି କର୍ମଚାରୀ ଗ୍ରାମଗୁଡିକୁ ଯାଇଥିବା ରାସ୍ତାଗୁଡିକୁ ଅବରୋଧ କରି ବେଆଇନ ଭାବେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଗାଡିରୁ ଅର୍ଥ ଆଦାୟ କରୁଛନ୍ତି । କିଛିଦିନ ତଳେ ଏହାକୁ ନେଇ ବିବାଦ ଦେଖାଦେଇ ଥିବାବେଳେ ଶନିବାର ବିଳମ୍ବିତ ରାତିରେ ଭାଙ୍ଗମୁଣ୍ଡା ଗ୍ରାମକୁ ଯାଇଥିବା ରାସ୍ତାକୁ କେତେକ ଯୁବକ କାଠଗଣ୍ଡି ପକାଇ ଅବରୋଧ କରିଥିଲେ । ଫଳରେ ଏହି ରାସ୍ତାଦେଇ ଯାଉଥିବା ସ୍ଥାନୀୟ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି । ଏନେଇ ଟୋଲଗେଟ୍ ସଂସ୍ଥା ପରିଚାଳକ ସୁବ୍ରତ ସ୍ୱାଇଁଙ୍କୁ ରାସ୍ତା ଅବରୋଧ ସମ୍ପର୍କରେ ପଚାରିବାରୁ ତାଙ୍କର କୌଣସି କର୍ମଚାରୀ ରାସ୍ତା ଅବରୋଧ କରିନାହାନ୍ତି ବୋଲି କହିଛନ୍ତି।

# ୩୫ ୟୁନିଟ୍ ରକ୍ତ ସଂଗୃହୀତ



**ଆଠମଲ୍ଲିକ, ୨।୩ (ଉଦିପ୍ତ ପୁରୋହିତ )**

ମାଧପୁର ଭାଜପା ମଣ୍ଡଳ ପକ୍ଷରୁ ସ୍ଥାନୀୟ କନ୍ଧପଡ଼ାସ୍ଥିତ ରାଜୀବ ଭବନଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ବ୍ଲକ ପ୍ରତିନିଧି ପ୍ରକାଶ ସାହୁଙ୍କ ନେତୃତ୍ୱରେ ଏହି ଶିବିର ଆୟୋଜିତ ହୋଇଥିଲା। ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ଭାଜପା ନେତା ଖଗେଶ୍ୱର ମହାକୁଡ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ସମୁଦାୟ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ମାଧପୁର ମଣ୍ଡଳ ସଭାପତି ଅନ୍ତଯ୍ୟାମୀ ମହାକୁଡ଼, ପୂର୍ବତନ ଯୁବମୋର୍ଚ୍ଚା ଜିଲା ଉପସଭାପତି ମନୋଜ କୁମାର ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ମହାନ୍ତି, ବରିଷ୍ଠ ସଦସ୍ୟ ପରଞ୍ଜୁ ଡାଙ୍ଗ, ଅମ୍ବିକା ପ୍ରସାଦ ଦେହୁରୀ, ସୁଶାନ୍ତ ସାହୁ, ପ୍ରଦୀପ ସାହୁ, ଜମ୍ମେଶ୍ୱର ନାୟକ, ସିପୁନ ନାୟକ, ଅନିରୁଦ୍ଧ ମହାକୁଡ, ଅଜୟ ନାୟକ, ସୁଭ୍ରାନ୍ତ ପ୍ରଧାନ, ଅରୁଣ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ରକ୍ତଭଣ୍ଡାର ତରଫରୁ ଡାକ୍ତର କୁମାର ସୌରଭ ସବ୍ୟସାଚୀ ବେଉରା, କର୍ମଚାରୀ ରବୀନ୍ଦ୍ର ମହାନ୍ତି, ରାକେଶ ଦତ୍ତ, ସୁଶାନ୍ତ ସାହୁ, ମୁକେଶ ଦେହୁରୀ ଓ ଷ୍ଟାଫନର୍ସ ଆର୍ଯ୍ୟବାଳା ଦାସ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

# ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞର ଚୂଡ଼ାନ୍ତ ବୈଠକ

**ଛେଣ୍ଡିପଦା, ୨।୩ (ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଖମାର ଗ୍ରାମ ଚନ୍ଦନ ପଡ଼ିଆଠାରେ ୯ ଦିନ ବ୍ୟାପି ରାମଚରିତ ମାନସ ତଥା ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ନିମନ୍ତେ ଖମାର ଚନ୍ଦନ ପଡିଆଠାରେ ଚୁଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖମାର ଗ୍ରାମ ପାରାୟଣ କମିଟି ସଭାପତି ମନୋଜ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟେଜିତ ବୈଠକରେ ଆସନ୍ତା ମାର୍ଚ୍ଚ ୪ ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳ ୯ଘଟିକାରେ ନିତ୍ୟଯଜ୍ଞ, ନାମଯଜ୍ଞ ଓ ସନ୍ଧ୍ୟାରେ ପଣ୍ଡିତ ବସନ୍ତ ବିଷୋୟୀ, ସୁଶ୍ରୀ ଗୀତାଞ୍ଜଳୀ ଜେନା ଓ ପଣ୍ଡିତ ନିରଞ୍ଜନ ମହାପାତ୍ରଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା । ଆସନ୍ତା ମାର୍ଚ୍ଚ ୪ ତାରିଖରେ ଆଡ଼ମ୍ବର ସହକାରେ ଗ୍ରାମ୍ୟଦେବୀଙ୍କୁ ନେଇ କଳସଯାତ୍ରା କରାଯିବ। ଏହାଛଡ଼ା ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ସହ ଭକ୍ତଙ୍କ ମଧ୍ୟରେ ଧାର୍ମିକ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗିଙ୍କୁ ସମ୍ମାନିତ କରାଯିବ । ବୈଠକରେ ଗ୍ରାମ ସଭାପତି ନେତ୍ରାନନ୍ଦ ଗଡନାୟକ, ଗ୍ରାମ ସମ୍ପାଦକ ହେମନ୍ତ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ ବିଜୟ କୁମାର ଗଡନାୟକ, ପାରାୟଣ କମିଟି ଉପଦେଷ୍ଟା ବାବୁଲି ଗଡନାୟକ, ଉପସଭାପତି ଶ୍ରବଣ କୁମାର ଗଡନାୟକ, ସମ୍ପାଦକ ରଶ୍ମିରଞ୍ଜନ ମାଝି, ଖମାର ଗ୍ରାମର ଚୈତନ୍ୟ ବେହେରା ,ଅଜୟ କୁମାର ବେହେରା, ପ୍ରଫୁଲ୍ଲ କୁମାର ବେହେରା, ସୁଧାକର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଖମାର ଗ୍ରାମବାସୀଙ୍କ ସହେଯାଗରେ ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା

**ପରଜଙ୍ଗ, ୨।୩ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ୫୩ ନଂ ଜାତୀୟ ରାଜପଥ ପରଜଙ୍ଗ ବାଇପାସ୍‌ଠାରେ ରବିବାର ଅପରାହ୍ନରେ ପରଜଙ୍ଗ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ବାର୍ତ୍ତା ବହନ କରାଯାଇଛି। ପରଜଙ୍ଗ ଥାନା ଅଧିକାରୀ ଦୀପକ କୁମାର ଲେଙ୍କା, ଏସ୍‌ଆଇ ରଞ୍ଜିତ କୁମାର ପ୍ରଧାନ, ଏଏସ୍‌ଆଇ ରମେଶ ଚନ୍ଦ୍ର ସ୍ୱାଇଁ, ଯୁଗଳ କିଶୋର ପ୍ରଧାନ, ପ୍ରଦୀପ କୁମାର ପାତ୍ର ସମେତ ଅନ୍ୟାନ୍ୟ ପୋଲିସ ଅଧିକାରୀ ଏବଂ ପରଜଙ୍ଗ ଡ୍ରାଇଭର ମହାସଂଘ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରାସ୍ତାରେ ଯାଉଥିବା ୨ ଚକିଆ, ୪ ଚକିଆ ଭାରି ଯାନକୁ ଅଟକାଇ ଡ୍ରାଇଭରଙ୍କୁ ସିଟ୍‌ବେଲ୍ଟ , ହେଲମେଟ୍ ବ୍ୟବହାର କରିବାପାଇଁ ସଚେତନ କରାଇଥିଲେ। ଏହାସହ ଯେଉଁ ଗାଡ଼ି ଚାଳକ ହେଲମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର କରୁଥିଲେ ସେମାନଙ୍କୁ ଚକୋଲେଟ୍ ଦେଇ କୃତଜ୍ଞତା ଜଣାଉଥିଲେ ।

# ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**ଛେଣ୍ଡିପଦା, ୨।୩ (ଅଜିତ୍ ଧଳ)**

ଅନୁଗୋଳ ଜିଲା ଜରପଡା ଥାନା ଜେରେଙ୍ଗ ଦେହୁରୀ ସାହିରେ ବିବାହର ୨ ବର୍ଷ ପରେ ସ୍ତ୍ରୀଙ୍କୁ ଶାରୀରିକ, ମାନସିକ ସହିତ ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଜରପଡା ଥାନା ଜେରେଙ୍ଗ ଦେହୁରୀ ସାହି ଗ୍ରାମର ପ୍ରିୟତମା ସାହୁ ୩ବର୍ଷ ତଳେ ସେହି ଗ୍ରାମର ପ୍ରକାଶ ସାହୁଙ୍କ ପୁଅ ଦ୍ୱାରି ସାହୁଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କର ୨ବର୍ଷର ପୁତ୍ର ସନ୍ତାନ ଅଛି। ବିବାହର କିଛିଦିନ ପରେ ପ୍ରିୟତମାଙ୍କ ସ୍ୱାମୀ ଦ୍ୱାରି ତାଙ୍କୁ ବାପଘରୁ ୧ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଦାବି କରିଥିଲେ। ଏଥିରେ ପ୍ରିୟତମା ମନା କରିବାରୁ ସେହିଦିନଠାରୁ ମାରପିଟ କରିବା ସହ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ଗତ ଫେବୃଆରୀ ୧୯ ତାରିଖରେ ଗାଳିଗୁଲଜ କରିବା ସହିତ ମାରପିଟ କରିବାରୁ ପ୍ରିୟତମା ଭୟଭୀତ ହୋଇ ନିଜ ବାପଘରକୁ ପଳାଇ ଆସିଥିଲେ। ପରେ ତାଙ୍କ ବାପଘରକୁ ଆସି ଦ୍ୱାରି ବିଭିନ୍ନ ଧମକ ଚମକ ଦେଇଥିଲେ। ଏନେଇ ପ୍ରିୟତମା ଜରପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଜରପଡା ପୋଲିସ କେସ୍ ନଂ ୮୨/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ମୁଖ୍ୟରାସ୍ତା ପାଲଟିଛି ମରଣ ଯନ୍ତା

**ସନ୍ତ୍ରୀଛକ, ୨।୩ (ସନ୍ତୋଷ କୁମାର ପରିଡ଼ା)**

ବଅଁରପାଳ ବ୍ଲକ ବୁଢ଼ାପଙ୍କ ବଡ଼ପାଟଣ ଆମ୍ବସାହିଠାରୁ ଭବାନୀ ନଗର ପର୍ଯ୍ୟନ୍ତ ରାସ୍ତାଟି ମରଣଯନ୍ତା ପାଲଟିଯାଇଛି। ସୂଚନା ଅନୁଯାୟୀ, ଏହି ରାସ୍ତାଟି ଗ୍ରାମର ମୁଖ୍ୟରାସ୍ତା ଥିବାରୁ ପ୍ରତିଦିନ ରାସ୍ତାଦେଇ ଶହଶହ ଲୋକଙ୍କ ଯାତାୟାତ ହୋଇଥାଏ। ଏହି ରାସ୍ତାଦେଇ କମଳାଙ୍ଗ, ମାନପୁର, ମଙ୍ଗଳପୁର, ବୁଢ଼ାପଙ୍କ, ପନ୍ଦରଭରଣିଆ ଓ ବୁଢ଼ାପଙ୍କ ରେଲୱେ ଷ୍ଟେସନ ଯିବାପାଇଁ ଲୋକଙ୍କ ମୁଖ୍ୟରାସ୍ତା ହୋଇଥିବାବେଳେ ଦୀର୍ଘଦିନ ହେବ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାଟି ଖାଲଖମା ସହ ବଡ଼ ବଡ଼ ପଥର ଓ ଗାତ ଯୋଗୁ ପ୍ରତ୍ୟେକ ସମୟରେ ଏଠାରେ ପଥଚାରୀ ପଡ଼ି ଗୋଡ଼ହାତ ଭାଙ୍ଗି ଯାଉଛି। ଆଲୋକର ବ୍ୟବସ୍ଥା ନ ଥିବାରୁ ଏହି ଖୋଲା ରାସ୍ତାରେ ଡକାୟତ ଛିନ୍‌ତାଇ ହେଉଛି। ରାସ୍ତାଟି ଯଥାଶୀଘ୍ର କରିବା ପାଇଁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନକୁ ନିବେଦନ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଯୋଗାଯୋଗ ହୋଇ ପାରିନାହିଁ।

# ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ

**ଅନୁଗୋଳ, ୨।୩(ମାନସ ବିଶ୍ୱାଳ)**




ଅନୁଗୋଳ ସହର ସ୍ଥିତ ବ୍ଲକ ଡାଇମଣ୍ଡ ସମ୍ମିଳନୀ କକ୍ଷରେ ଉତ୍କଳ ସାମ୍ବାଦିକ ସଂଘର ଅନୁଗୋଳ ଜିଲା ଶାଖା ଆନୁକୂଲ୍ୟରେ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅନୁଗୋଳ ଜିଲା ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତା କରିଥିଲେ । ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ପେନସନ ପ୍ରଦାନ ଓ ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନ୍ତ ସନ୍ତତିମାନଙ୍କୁ ସାମିଲ କରିବା, ଅଧିସ୍ୱୀକୃତି କମିଟି ଗଠନ ପୂର୍ବକ ଜିଲା ଓ ରାଜ୍ୟସ୍ତରରେ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ କରାଯିବାକୁ ଦୀର୍ଘ ଦିନର ଦାବି ପ୍ରତି ସମର୍ଥନ ଜଣାଇଥିଲେ। ଅତିଥିମାନେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଆଲୋଚନା କରି ଦାବି ପୂରଣ ଦିଗରେ ଯଥୋଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ମତପ୍ରକାଶ କରିଥିଲେ। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଯୋଗଦେଇ ସାମ୍ବାଦିକମାନଙ୍କ ବୃତ୍ତିଗତ ସମସ୍ୟା ସମାଧାନ ଦିଗରେ ସରକାର ଆଶୁ ପଦକ୍ଷେପ ଗ୍ରହଣ ନକଲେ ବ୍ୟାପକ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ସମବେତ ସାମ୍ବାଦିକମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଓ କୋଷାଧ୍ୟକ୍ଷ ରାଜେନ ଚୌଧୁରୀ ପ୍ରମୁଖ ଯୋଗଦେଇ ସାମ୍ବାଦିକମାନଙ୍କ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ତଥା ରାଜ୍ୟ ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲା ବେଳେ ଉପଦେଷ୍ଟା ଦେବୀ ମିଶ ସ୍ୱାଗତ ଭାଷଣ ଓ ଉପଦେଷ୍ଟା ସଂଗ୍ରାମ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ରାଜ୍ୟ ସଭାପତି କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଦୁଇ ଶହରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇ ସଂଗଠନ ଓ ଖବରଦାତାଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତି ପାଇଁ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୋଖରୀରେ ବୁଡ଼ି ଡିପ୍ଲୋମା ଛାତ୍ର ମୃତ୍ୟୁକୁ ନେଇ ଉତ୍ତେଜନା

## ପୁଅକୁ ମାରି ଦେଇଥିବା ପରିବାର ଲୋକଙ୍କ ଅଭିଯୋଗ

ଢେଙ୍କାନାଳ,୨।୩(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ସିଆରିଆଠାରେ ଥିବା ବାଜିରାଉତ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଙ୍ଗ୍ ଆଣ୍ଡ ଟେକନୋଲୋଜିରେ ପାଠ ପଢୁଥିବା ଡିପ୍ଲୋମା ଇଲେକ୍ଟ୍ରିକାଲ ଛାତ୍ର ପ୍ରୀତିପ୍ରଭୁ ପଟ୍ଟନାୟକ(୧୮)ଙ୍କର ରବିବାର ପୋଖରୀରେ ବୁଡି ମୃତ୍ୟୁ ହୋଇଯାଇଛି। ଏହି ଘଟଣାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ତିବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । କଲେଜ କର୍ତୃପକ୍ଷ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇ ନଥିବାରୁ ଢେଙ୍କାନାଳରେ ପହଁଚିବା ପରେ ପରିବାର ପକ୍ଷରୁ ଏହାର ତିବ୍ର ପ୍ରତିବାଦ କରାଯାଇଥିଲା । ହଷ୍ଟେଲରେ ପାଣି ନଥିବା ଦର୍ଶାଇ ପିଲାଙ୍କୁ ପୋଖାରୀକୁ ଗାଧୋଇବା ପାଇଁ ପଠାଯାଇଥିଲା । ଜିଲା ମୁଖ୍ୟ ଚିକିତ୍ସାଳୟରେ ପରିବାର ଲୋକ ପହଁଚିବା ପରେ ମଧ୍ୟ କଲେଜର କର୍ତୃପକ୍ଷ କେହିହେଲେ ଜଣେ ଧରାଛୁଆଁ ନଦେବା ଆଲୋଚନାର ବିଷୟ ହୋଇଥିଲା । ପ୍ରୀତିପ୍ରଭୁଙ୍କୁ ମାରି ଦେଇଛନ୍ତି ବୋଲି ପରିବାର ଲୋକ ଅଭିଯୋଗ ଆଣିଛନ୍ତି । ଏ ସମ୍ପର୍କରେ ସେମାନେ ସଦର ଥାନାକୁ ମଧ୍ୟ ଜଣାଇଛନ୍ତି । ଘଟଣାରୁ ଜଣାପଡିଛି ଯେ, କେଉଁଝର ଜିଲା ଆନନ୍ଦପୁର ଥାନା ବଞ୍ଝିଅ ଗ୍ରାମର ଆଲୋକ ପଟ୍ଟନାୟକ ଓ ସସ୍ମିତା ପଟ୍ଟନାୟକଙ୍କର ବଡପୁଅ ପ୍ରୀତିପ୍ରଭୁ ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ସିଆରିଆସ୍ଥିତ ବାଜିରାଉତ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଙ୍ଗ୍ ଆଣ୍ଡ ଟେକ୍‌ନୋଲୋଜି କଲେଜରେ ପାଠ ପଢୁଥିଲେ । ହଷ୍ଟେଲରେ ପାଣି ନଥିବାରୁ ହଷ୍ଟେଲ କର୍ତୃପକ୍ଷ ପିଲାଙ୍କୁ ପୋଖରୀକୁ ଗାଧୋଇ ଯିବାକୁ କହିଥିବା ଅଭିଯୋଗ ହୋଇଛି । ଯାହାକି ତଦନ୍ତ ସାପେକ୍ଷ । ପୋଖରୀରେ ଗାଧୋଉଥିବା ବେଳେ ପ୍ରୀତିପ୍ରଭୁ ବୁଡି ଯାଇଥିଲେ । ସ୍ଥାନିୟ



ଡିପ୍ଲୋମା ଛାତ୍ର ପ୍ରୀତିପ୍ରଭୁ ପଟ୍ଟନାୟକ (ଫାଇଲ ଫଟୋ)

ଲୋକ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ଯ ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । କୌଣସି ସୂତ୍ରରୁ ଖବରପାଇ ପରିବାର ଲୋକ ଘଟଣା ସ୍ଥଳରେ ପହଁଚିବା ପରେ କଲେଜ କିମ୍ବା ହଷ୍ଟେଲର କେହି ଜଣେମଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ନଥିବା ଚର୍ଚ୍ଚାର ବିଷୟ ହୋଇଥିଲା । ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଁଚିବା ପରେ ପ୍ରୀତିପ୍ରଭୁଙ୍କ ମା ସସ୍ମିତା ପଟ୍ଟନାୟକ ଓ ବଡବାପା ସନ୍ତୋଷ ପଟ୍ଟନାୟକ ଅଭିଯୋଗ କରି କୁହନ୍ତି ଯେ, ଆମ ପିଲାକୁ ଆମେ ଏଠାରେ ପ୍ରିନ୍ସିପାଲ ଓ ହଷ୍ଟେଲ ସୁପରିଟେଣ୍ଡଙ୍କ ଦାୟିତ୍ୱରେ ଛାଡିଥିଲୁ । ପିଲାଟି ମରିଗଲା କି ତାକୁ ମାରିଦେଲେ ଆମକୁ ବର୍ତମାନ ସୁଦ୍ଧା ଜଣାଇଲେ ନାହିଁ । ଅନ୍ୟମାନଙ୍କ ଠାରୁ ଶୁଣି ଆମେ ଏଠାକୁ ଆସିଛୁ । ଢେଙ୍କାନାଳ ଠାରୁ ଆମଘର ପ୍ରାୟ ୧୫୦କିଲୋମିଟର ଦୂର । ତେଣୁ ଆମେ କେମିତି ଜାଣିବୁ। ହଷ୍ଟେଲ ଓ କଲେଜ କର୍ତୃପପକ୍ଷଙ୍କ ଦାୟିତ୍ୱରେ ପିଲା ରହିଛି । କିନ୍ତୁ କାହିଁକି ତାକୁ ପୋଖରୀକୁ ଛାଡିଲ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ଜିଲା ମୁଖ୍ଯ ଚିକିତ୍ସାଳୟରେ ପହଁଚିବା ପରେ କଲେଜରେ ପ୍ରିନ୍ସିପାଲ କିମ୍ବା ହଷ୍ଟେଲ ସୁପରିଟେଣ୍ଡେ କାହାର ଦେଖାନାହିଁ । ଉଭୟଙ୍କ ନାମରେ ଆମେ ଥାନାରେ ଅଭିଯୋଗ କରିବୁ । ପଇସା ନେଲା ବେଳକୁ ନେଉଛନ୍ତି, ଲାଇନ୍ ନାହିଁ ଓ ପାଣି ନାହିଁ କହି ପୋଖରୀ କି ଛାଡିବା ଉଚିତ କି, ମା ପ୍ରଶ୍ନ ଉଠାଇଛନ୍ତି । ମୁଁ ମନା କରିଥିଲି ମୋ ପୁଅକୁ ବାହାରକୁ ଛାଡିବନି ମୋ ପୁଅକୁ ମାରିଦେଲେ ବୋଲି କୋହଭରା କଣ୍ଠରେ କୁହନ୍ତି ମା ସସ୍ମିତା। ସେହିପରି ଘଟଣା ସମ୍ପର୍କରେ କଲେଜର ଅଧ୍ୟକ୍ଷ ତାରା ପ୍ରସାଦ ଶତପଥୀ ଓ ତାଙ୍କ ମୋବାଇଲ ନଂ-୯୪୩୭୦୭୯୩୬୪ରେ ଯୋଗାଯୋଗ କରିବାରୁ ତାଙ୍କ ମୋବାଇଲ ସୁଇଚ୍‌ଅଫ୍ ରହିଥିବାରୁ କୌଣସି ଉତର ମିଳିପାରିନଥିଲା । ତେବେ କଲେଜ ପରିସରରେ ପାଣି ନଥିବାରୁ କିପରି ପିଲାଙ୍କୁ ପୋଖରୀକୁ ଛଡାଗଲା, ତାହା ପିଲାଙ୍କର ସୁରକ୍ଷାକୁ ନେଇ କଲେଜ ଓ ହଷ୍ଟେଲ କର୍ତୃପକ୍ଷ କେତେ ଦାୟିତ୍ୱବାନ ତଦନ୍ତ ସାପେକ୍ଷ । ଖବରପାଇ ସଦର ଥାନା ଓ ଗୋବିନ୍ଦପୁର ଫାଣ୍ଡି ପୋଲିସ ଜିଲା ମୁଖ୍ଯ ଚିକିତ୍ସାଳୟରେ ପହଁଚି ତଦନ୍ତ କରିବା ସହ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଏ ସଂକ୍ରାନ୍ତରେ ସଦର ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତ କୁହନ୍ତି ଯେ, ରାତି ସାଢେ ୮ଟା ସୁଦ୍ଧା ପରିବାର ଲୋକ କୌଣସି ଅଭିଯୋଗ କରିନଥିଲେ। ଘଟଣାର ତଦନ୍ତ କରାଯାଉଛି ।

# ନମାଳୀପୁର ସ୍କୁଲ ବାର୍ଷିକୋତ୍ସବ



ସାତମାଇଲ, ୨।୩ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଏନଏସି ୱାର୍ଡ ନଂ. ୧୨ସ୍ଥିତ ପୁରାତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ହିମାଂଶୁ ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଓ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏବିଓ ଦୀପ୍ତିକୃଷ୍ଣ ସାହୁ, ମୁଖ୍ୟବକ୍ତା ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ଦିଲୀପ ମହାପାତ୍ର ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ଶିକ୍ଷୟତ୍ରୀ ମମତା ଆଚାର୍ଯ୍ୟ, ଶ୍ରୀପତି ସାହୁ, ହଳଧର ବେହେରା, ଅମୀୟ ପତି, ସୁନୀଲ ନାୟକ, କୃଷ୍ଣଚନ୍ଦ୍ର ବେହେରା, ସିଆରସିସି ଦୁଷ୍ମନ୍ତ ବେହେରା, ସମାଜସେବୀ ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ୱାର୍ଡ ୧୨ କାଉନସିଲର ଶରତ ଭୂତିଆ, ପୂର୍ବତନ ପରିଚାଳନା କମିଟି ସଭାପତି କବିରାଜ ବେହେରା ସମେତ ଅଭିଭାବକମାନେ ଯୋଗଦେଇଥିଲେ। ଶିକ୍ଷୟତ୍ରୀ ଜ୍ୟୋତିଶ୍ରୀ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ପ୍ରଫୁଲ୍ଲ ଜେନା, ଗାୟତ୍ରୀ ମହାପାତ୍ର, ସାବିତ୍ରୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟତ୍ରୀ ଜ୍ୟୋତିଶ୍ରୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କର ମହୋତ୍ସବ

ଢେଙ୍କାନାଳ,୨।୩(ରତନ ନାୟାର)

ପରମପୂଜ୍ୟପାଦ ଆଚାର୍ଯ୍ୟଦବ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୭ତମ ଜନ୍ମ ମହୋତ୍ସବ ଓ ୩୮ତମ ଆଂଚଳିକ ବାର୍ଷିକ ସତ୍‌ସଙ୍ଗ ଉତ୍ସବ ଓଡାପଡା ବ୍ଲକ୍ ସାଇଁବିରି ଗ୍ରାମର ସତ୍‌ସଙ୍ଗ କେନ୍ଦ୍ର ପ୍ରାଙ୍ଗଣରେ ମହାସମାରୋହରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ରାହ୍ମ ମୁହୂର୍ତରେ ବେଦମାନଙ୍ଗଳିକ, ପ୍ରତ୍ୟୁଷେ ଉଷା କୀର୍ତନ, ପ୍ରାତଃ ୫.୫୦ରେ ସମବେତ ପ୍ରାତଃ ବିନତି ପ୍ରାର୍ଥନା ଓ ପରେ ସମବେତ ନାମଜପ ଓ ଶ୍ରୀଶ୍ରୀ ଠାକୁରଙ୍କର ଗ୍ରନ୍ଥାଦି ପାଠ କରାଯାଇଥିଲା । ସକାଳ ୨ଟାରେ ନଗର କୀର୍ତନ, ଭକ୍ତି ସଙ୍ଗୀତାଞ୍ଜଳି, ସତ୍‌ସଙ୍ଗ, ସଦାଲୋଚନା ଓ ମଧ୍ୟାହ୍ନରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ସଂଧ୍ୟାରେ ସମବେତ ସାନ୍ଧ୍ୟ ବିନତି ପ୍ରାର୍ଥନା ଓ ସତ୍‌ଗ୍ରନ୍ଥ ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ନରସିଂହପୁର କଲେଜ୍‌ର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ପରିଡା ଓ ସମ୍ମାନିତ ଅତିଥି ଭାବେ ସତ୍‌ସଙ୍ଗ ସହପ୍ରତି ଋତ୍ୱିକ୍ ରଘୁନାଥ ବସ୍ତିଆ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଂଚଳିକ ସତ୍‌ସଙ୍ଗ କେନ୍ଦ୍ରର ସଭାପତି ତଥା ଜାଜକ ପ୍ରହଲ୍ଲାଦ ସାହୁ, ଯାଜକ ଅନ୍ତର୍ଯ୍ୟାମୀ ସାହୁ, ଆଦିତ୍ୟ ପଟ୍ଟନାୟକ, ଗତିକୃଷ୍ଣ ପରିଡା, ବିକ୍ରମ ସାହୁ, ରାମ ଚନ୍ଦ୍ର ସାହୁ, ମନୋଜ ଚନ୍ଦ୍ର ସାହୁ, ସୁଦାମ ମହାରଣା, ଶ୍ରୀନିବାସ ସାହାଣୀ, ରମେଶ ଚନ୍ଦ୍ର ସାହୁ, ସର୍ବେଶ୍ୱର ସାହୁ, ପଦ୍ମନାଭ ରଣା, ଗୁରୁଚରଣ ନାୟକ, ରାଜକିଶୋର ପାଣି ତତ୍ତ୍ୱାବଧାନ କରିଥିବାବେଳେ ୧୧ଗୋଟି ପଂଚାୟତର ଗ୍ରମବାସୀ ଯୋଗଦେଇ ଠାକୁରଙ୍କ ବାଣୀ ଶ୍ରବଣ କରିବା ସହିତ ବିଭୁକୃପା ଲାଭ କରିଥିଲେ ।



# ବାଟାଲିୟନ ହାବିଲଦାର-ସିପାହୀ ଶାଖା ସଂଘର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ଢେଙ୍କାନାଳ,୨।୩(ରତନ ନାୟାର)

ଢେଙ୍କାନାଳ ସଦର ଥାନା ସରଖିଆସ୍ଥିତ ଓଏସ୍‌ଏପି ପ୍ରଥମ ବାଟାଲିୟନର ୪୦ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ବାଟାଲିୟନ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ, ସବୁଜିମା ପ୍ରାକୃତିକ ପରିବେଶ ମଧ୍ୟରେ ପ୍ରଥମ ବାଟାଲିୟନ ଅବସ୍ଥିତ । ଏହାର ସମ୍ମୁଖ ରାସ୍ତାର ଉନ୍ନତିକରଣ ପାଇଁ ଉଦ୍ୟମ ଜାରି ରହିଛି । ଏଠି ପ୍ରଥମ ବାଟାଲିୟନ ହେବାଦ୍ୱାରା ଅପରାଧ ମଧ୍ୟ ରୋକାଯାଇ ପାରିଛି । ହାବିଲଦାର-ସିପାହୀ ଶାଖା ସଂଘ ଲିଖିତ ଭାବେ ଜଣାଇଥିବା ତାଙ୍କର ସମସ୍ୟା ଗୁଡିକର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମ୍‌ପି ରୁଦ୍ର ନାରାୟଣ ପାଣି କହିଲେ ଯେ, କେନ୍ଦ୍ର ଗୃହ ମନ୍ତ୍ରାଳୟ ଅଧିନରେ ପୋଲିସ ଆଧୁନିକୀକରଣ ସମ୍ପର୍କରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ । ଏଥିପାଇଁ ଅର୍ଥର ଅଭାବ ନାହିଁ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୌରାଧକ୍ଷା ଜୟନ୍ତୀ ପାତ୍ର, ପୌରସଂସ୍ଥା ପକ୍ଷରୁ ଯାହା ସହଯୋଗ, ତାହା ପ୍ରଦାନ କରାଯିବ ବୋଲି କହିଥିଲେ । ପ୍ରଥମ ବାଟାଲିୟନର ଦୁର୍ଗପତି ମନୋଜ କୁମାର ନାୟକ, ଓଡିଶା ପୋଲିସ କନଷ୍ଟେବଲ ସିପାହୀ ସଂଘ ସଭାପତି ଅନିଲ କୁମାର ଷଣ୍ଢ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ

କାମାକ୍ଷାନଗର, ୨।୩( ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ କଙ୍କଡ଼ାହାଡ ଥାନା କୋରିଆପାଳ ଗ୍ରାମର ବିଦ୍ୟାଧର ଦେହୁରୀଙ୍କ ରବିବାର ସକାଳେ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ବିଦ୍ୟାଧର ସକାଳେ ଗାଧୋଇବା ପାଇଁ ଗ୍ରାମ ନିକଟରେ ଥିବା ଯୋରକୁ ଯାଉଥିବାବେଳେ ନିକଟସ୍ଥ ଜଙ୍ଗଲରେ ଦନ୍ତା ହାତୀ ସହ ମୁହାଁମୁହିଁ ହୋଇଥିଲେ। ଫଳରେ ହାତୀଟି ବିଦ୍ୟାଧରଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ଡାହାଣ ଦାନ୍ତରେ ଭୁଶି କ୍ଷତାକ୍ତ କରିଦେଇଥିଲା। ବନ ବିଭାଗ କର୍ମଚାରୀ ତୁରନ୍ତ ବିଦ୍ୟାଧରଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇଦେବା ନିମନ୍ତେ ବନ ବିଭାଗ ତରଫରୁ କୁହାଯାଇଛି ।

# ସାଇ ଶ୍ରୀକ୍ଷେତ୍ରର ୧୫ତମ ବାର୍ଷିକୀ ଉତ୍ସବ



ସାଇ ଶ୍ରୀକ୍ଷେତ୍ରର ବାର୍ଷିକୀ ଉତ୍ସବ ଉପଲକ୍ଷେ କଳସ ଯାତ୍ରା

ଢେଙ୍କାନାଳ,୧।୩(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ ଶ୍ୟାମଚରଣପୁରସ୍ଥିତ ସାଇ ଶ୍ରୀକ୍ଷେତ୍ର ସାଇ ବାବାଙ୍କ ମନ୍ଦିରର ୧୫ତମ ବାର୍ଷିକୀ ଉତ୍ସବ ଶନିବାର ଓ ରବିବାର ଦୁଇଦିନ ଧରି ପାଳନ ହେଉଛି । ପ୍ରଥମ ଦିନରେ ୧୫୦ରୁ ଅଧିକ ସାଇଭକ୍ତ ଏକତ୍ରିତ ହୋଇ କୁଞ୍ଜକାନ୍ତ ପୋଖରୀରୁ ପୂଜାର୍ଚ୍ଚନା କରି କଳସ ଧରି ଚାଲି ଚାଲି ଏକ ଶୋଭାଯାତ୍ରାରେ ଶ୍ୟାମଚରଣପୁର ସାଇ ଶ୍ରୀକ୍ଷେତ୍ରରେ ପହଂଚିଥିଲେ। ରବିବାର ସାଇବାବାଙ୍କର ଏକ ପାଲିଙ୍କି ଶୋଭାଯାତ୍ରା ଷ୍ଟେସନ ବଜାର଼ଠାରୁ ସକାଳ ସାଢେ ୭ଟାରେ ବାହାରି ସହର ପରିକ୍ରମା କରି ଭକ୍ତମାନଙ୍କ ଗହଣରେ ଶ୍ୟାମଚରଣପୁର ସାଇ ଶ୍ରୀକ୍ଷେତ୍ରରେ ପହଁଚିବାର କାର୍ଯ୍ୟକ୍ରମ ରହିଛି।

# ୩୮ବର୍ଷ ପରେ ବାର୍ଷିକ ଉତ୍ସବ ପାଳିତ




ପରଜଙ୍ଗ, ୨।୩ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କନ୍ତୋର କ୍ଲଷ୍ଟର ଅନ୍ତର୍ଗତ ଜାମୁନାଳି ସରକାରୀ ବିଦ୍ୟାଳୟ ପ୍ରତିଷ୍ଠାର ୩୮ ବର୍ଷ ପରେ ଶୁକ୍ରବାର ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ହେମ୍ବ୍ରମଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କଙ୍କଡା ସୋଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅଭିମନ୍ୟୁପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ବଳରାମ ପଣ୍ଡା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଥମ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱପ୍ନେନ୍ଦୁ ଦାସ, ସିଆରସିସି ଅଜିତ କୁମାର ଦାସ, ସ୍କୁଲର ପ୍ରଥମ ଚେୟାରମ୍ୟାନ ଲେଲା ପୂର୍ତ୍ତି ଓ ଚେୟାରମ୍ୟାନ ମାଧବ ପୂର୍ତ୍ତି ଯୋଗଦେଇଥିଲେ। ସହକାରୀ ଶିକ୍ଷକ ବରୁଣ କୁମାର ସାହୁ ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ପୂର୍ବତନ ଶିକ୍ଷକ ମାର୍କଣ୍ଡ ଖୁଣ୍ଟିଆ, ମୁରଲୀଧର ଦଳେଇ, ସୂର୍ଯ୍ୟକାନ୍ତ ବେହେରା, ଶିକ୍ଷୟିତ୍ରୀ ଜୋସ୍‌ନାରାଣି ସାହୁ , ଅମିତା ବେହେରା, ପ୍ରଶାନ୍ତ କୁମାର ସାହୁ ଓ ଭୀମସେନ ଖଟୁଆଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ବାର୍ଷିକ କ୍ରିଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟର ଶିକ୍ଷକ କାଳନ୍ଦୀ ଚରଣ ଗଡନାୟକ, ସୁଶାନ୍ତ ଭୋଇ, ଉତ୍କଳିକା ପ୍ରିୟଦର୍ଶିନୀ କରଣ, ଦୁବରାଜ କୁଡଲି ଓ ସୁଶାନ୍ତ କୁମାର ସେଠୀ ସହଯୋଗ କରିଥିଲେ।

# ଅନୁମତି ନଥାଇ ପ୍ଲାଷ୍ଟିକ ପାଇପ କାରଖାନା

## ପ୍ରଦୂଷଣ ବଳୟରେ ଚଷାରୋଡ଼ ଗାଁ

ପରଜଙ୍ଗ,୨।୩(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ରୋଡ ପଞ୍ଚାୟତ ଚଷାରୋଡ଼ ଗାଁରେ ଦୀର୍ଘ ବର୍ଷ ହେବ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ନଥାଇ ପ୍ଲାଷ୍ଟିକ ପାଇପ କାରଖାନା ଚାଲିଆସିଛି। କାରଖାନାରୁ ନିର୍ଗତ ଧୂଆଁ ଗନ୍ଧରେ ଅତିଷ୍ଟ ହୋଇପଡିଲେଣି ସ୍ଥାନୀୟ ବାସିନ୍ଦା। କଟକ, ଭୁବନେଶର, ଢେଙ୍କାନାଳ ଅଞ୍ଚଳରୁ ଅପରିଷ୍କାର ପ୍ଲାଷ୍ଟିକ, ଜରି ଆଦି କବାଡି ଦୋକାନମାନଙ୍କରୁ ସଂଗ୍ରହ କରି ଅଣାଯାଇ ଏକତ୍ରିତ କରି ରଖାଯାଉଛି। ତାହାକୁ ମେସିନ ସାହାଯ୍ୟରେ ତରଳାଯାଇ ପ୍ଲାଷ୍ଟିକ ପାଇପ ପ୍ରସ୍ତୁତ କରି ବଜାରରେ ବିକ୍ରି କରାଯାଉଛି। କାରଖାନା ନିର୍ମାଣ ପାଇଁ ସରକାର



ପକ୍ଷରୁ ସ୍ଥାନୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟର ଅନୁମତି ଧାର୍ଯ୍ୟ ରହିଥିବା ବେଳେ ଉକ୍ତ କାରଖାନାର ମାଲିକ ସମସ୍ତ ନିୟମକୁ ବେଖାତିର କରି ଜନବସତିରେ କାରଖାନା ସ୍ଥାପନ ଯୋଗୁଁ ଲୋକେ ଅଣନିଃଶ୍ୱାସୀ ହୋଇପଡ଼ିଲେଣି। ଏନେଇ ପ୍ରତିବାଦ କଲେ କାରଖାନା ସ୍ଥାପନ କରିଥିବା ବ୍ୟକ୍ତି ନାଲି ଆଖି ଦେଖାଇ ଚୁପ କରିଦେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏଥିପ୍ରତି ଅନୁଗୁଳ ଶାଖା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ରମେଶ ଏକ୍କା କହିଛନ୍ତି, ଅଭିଯୋଗ ଆସିବା ମାତ୍ରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାକୁ ତୁରନ୍ତ ଜନବସତିରୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି ହେଉଛି।

# ଅଭିଯୁକ୍ତ କେୟାରଟେକର ଗିରଫ

## ଗିରିଶ ରାଉତ ହତ୍ୟା ମାମଲା

ଢେଙ୍କାନାଳ,୨।୩(ରତନ ନାୟାର)

ଢେଙ୍କାନାଳ ସହର ରାମେଶ୍ୱରପୁର ଅଞ୍ଚଳରେ ଗତ ୨୮ ତାରିଖ ରାତି ୮ଟା ସମୟରେ ଘରେ କେହି ନଥିବା ସୁଯୋଗ ନେଇ ଶଯ୍ୟାଶାୟୀ ୭୩ବର୍ଷର ବୃଦ୍ଧ ଗିରିଶ କୁମାର ରାଉତଙ୍କୁ ଗୋଟିଏ କପଡାରେ ତଣ୍ଟିଚିପି ହତ୍ୟା କରିଥିବା କେୟାରଟେକର ଦୀପକ ବିଶ୍ୱାଳ(୨୧)ଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି । ପଚରାଉଚରା ସମୟରେ ଶଯ୍ୟାଶାୟୀ ଗିରିଶ ଅଧିକାଂଶ ସମୟରେ ଅଭିଯୁକ୍ତ ଦୀପକଙ୍କୁ ରାଗିକି ଗାଳି ଦେଉଥିବା ସହିତ ଚିଡିଚିଡା ହେଉଥିବା ଏହା ସହି ନପାରି ଘରେ କେହି ନଥିବା ସମୟରେ ତାଙ୍କୁ କପଡାରେ ତାଙ୍କ ବେକକୁ ଚାପି ମାରିଥିଲି ବୋଲି ପୋଲିସ ଆଗରେ ପ୍ରକାଶ କରିଥିବା ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି । ଘଟଣା ରାତିରେ ଗିରିଶଙ୍କ ପୁଅ, ବୋହୁ ଏକ ବାହାଘର କାର୍ଯ୍ୟରେ ପଳାଇବା ପରେ ଏହି ଘଟଣା ଘଟିଥିଲା ।

# ଜଳବାୟୁ ପରିବର୍ତ୍ତନ ଓ ସହନଶୀଳ କୃଷି ସମ୍ପର୍କିତ କର୍ମଶାଳା

କାମାକ୍ଷାନଗର, ୨।୩ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ ବ୍ଲକ କଣ୍ଟାପାଳ କଲ୍ୟାଣ ମଣ୍ଡପଠାରେ ମହାଶକ୍ତି ଫାଉଣ୍ଡେସନ ତରଫରୁ ଜଳବାୟୁ ପରିବର୍ତ୍ତନ ସହନଶୀଳ କୃଷି ବ୍ୟବସ୍ଥା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଭୁବନ ଓ କଙ୍କଡ଼ାହାଡ଼ ବ୍ଲକର ୧୦ଟି ପପଞ୍ଚାୟତର ନାମମାତ୍ର ଓ ଛୋଟ ଚାଷୀଙ୍କୁ ଜଳବାୟୁ ସହଣି ଚାଷ ଉପରେ ସଚେତନତା, ଦକ୍ଷତା ବୃଦ୍ଧି, ଜ୍ଞାନକୌଶଳ ଆଦାନପ୍ରଦାନ ଓ ମଡେଲ ପ୍ରସ୍ତୁତି କରାଯାଇଥିଲା। ସିନିଅର ମ୍ୟାନେଜର ଆମର କୁମାର ଗୌଡ଼ ଏହି ପ୍ରକଳ୍ପ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଜଳବାୟୁ ସହଣି ମଡେଲଗୁଡିକ ଉପରେ ଆଲୋକପାତ କରିଥିଲେ। ଭୁବନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆୟୁଷି ମହାପାତ୍ର ମୁଖ୍ୟ ଅତିଥି ରୂପେ କର୍ମଶାଳାର ଉଦ୍‌ଘଟନ କରିଥିବା ବେଳେ କଙ୍କଡ଼ାହାଡ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରେକୃଷ୍ଣ ନାୟକ, ଏଚଡିଏଫସି ଶାଖା ପରିଚାଳକ ସମ୍ବିତ କୁମାର ବିଶ୍ୱାଳ, ରାଜ୍ୟ ଜଙ୍ଗଲ ମଞ୍ଚ ଅଧ୍ୟକ୍ଷ ବାଉରୀ ବନ୍ଧୁ ରାଉତ, ଉଦ୍ୟାନ କୃଷି ସଂପ୍ରସାରଣ ଅଧିକାରୀ ଅଶ୍ୱିନୀ କୁମାର ସାହୁ, ଅଗ୍ରଣୀ ଚାଷୀ ଯୁଧିଷ୍ଠିର ବେହେରା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ ଏବଂ ଜଳବାୟୁ ସହଣୀ କୃଷି, ମରୁଡି ସହଣୀ ଚାଷ, ବର୍ଷାଜଳ ଅମଳ, ମୃତ୍ତିକା ସଂରକ୍ଷଣ, ଦେଶୀ ବିହନ ସଂରକ୍ଷଣ, ବୁନ୍ଦା ଜଳସେଚନ, ସମନ୍ୱିତ ରୋଗପୋକ ପରିଚାଳନା ଆଦି ଜ୍ଞାନକୌଶଳ ଉପରେ ଉପସ୍ଥାପନ କରିଥିଲେ । ସଂସ୍ଥା ପକ୍ଷରୁ ଅମର କୁମାର ଗୌଡ଼, ସିନିୟର ମ୍ୟାନେଜର ପ୍ରକଳ୍ପର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଜଳବାୟୁ ସହନଶୀଳ କୃଷି ମଡେଲଗୁଡିକ ଉପରେ ଆଲୋକପାତ କରିଥିଲେ । ପ୍ରୋଜେକ୍ଟ ମ୍ୟାନେଜର ବୁଦ୍ଧନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପ୍ରିନ୍ସିପାଲଙ୍କ ନାଁରେ ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ଅଭିଯୋଗ

- ଆରଡିସିଙ୍କ କାର୍ଯ୍ୟାଳୟରୁ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ
- ମୁଁ ସେଭଳି କିଛି କରିନାହିଁ: ପ୍ରିନ୍ସିପାଲ

ଢେଙ୍କାନାଳ,୨।୩(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁଙ୍କ ନାମରେ ଗତ ଲୋକସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଗଣତନ୍ତ୍ର ସୁରକ୍ଷା ପରିଷଦ ଢେଙ୍କାନାଳର ସଦସ୍ୟ ପ୍ରିୟବ୍ରତ ଗଡନାୟକ ଏକ ଅଭିଯୋଗ ଆଣି ପ୍ରିନ୍ସିପାଲ ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଚାକିରୀ କରିଥିବା ଦର୍ଶାଇଛନ୍ତି । ଏହି ଘଟଣାରେ ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ପତ୍ର ସଂଖ୍ୟା ନଂ-୧୫/୨୦୨୫, ୧୯୭୬/୨୦.୦୨.୨୦୨୫ରେ ଏହାର



OFFICE OF THE REVENUE DIVISIONAL COMMISSIONER
NORTHERN DIVISION, ODISHA, SAMBALPUR.

Letter No. XXX- 15/2025 1976 /G&M-"A" Date. 20 .02.2025

From,
Additional Secretary to
R.D.C. (ND), Odisha, Sambalpur

To,
The Collector, Dhenkanal

Sub: - Allegation Petition of Sri Priyabrata Garnaik, (Candidates 09 Parliamentary constituency) of Ganatantra Surakshya Parishad, Dhenkanal against appointment of Dr. Chittaranjan Sahu, Principal, Autonomous College, Dhenkanal.

Sir,

In inviting a reference to the subject cited above, I am directed to send herewith a copy of the petition noted above which is self-explanatory for kind information and necessary action. It is alleged that Dr. Sahu get appointment in lecturer post by producing false physical handicapped certificate.

It is therefore, requested you to please inquiry into the matter, as desired by RDC, ND, Sambalpur and submit a report to in this regard to this office for kind perusal of Commissioner.

Yours Faithfully,

Encl. - As Above

Additional Secretary

Memo No. 1977 Dt. 20.2.25

Copy forwarded to Sri Priyabrata Garnaik, (Candidates 09 Parliamentary constituency) member of Ganatantra Surakshya Parishad, Deulsahi, Ward No.7, Dhenkanal-759001, Mob.- 9437091020 for information.

Additional Secretary

ତଦନ୍ତ ପାଇଁ ଆରଡିସିଙ୍କ କାର୍ଯ୍ୟାଳୟରୁ ଜିଲାପାଳଙ୍କ ନିକଟକୁ ପଠାଯାଇଥିବା ପତ୍ର।

ବିଧିବଦ୍ଧ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ଅଭିଯୋଗକାରୀ ପ୍ରିୟବ୍ରତ ଗଡନାୟକଙ୍କର ଅଭିଯୋଗରୁ ଜଣାପଡିଛି ଯେ, ଢେଙ୍କାନାଳ କଲେଜ ପ୍ରିନ୍ସିପାଲ ଡ. ଚିତ୍ତରଞ୍ଜନ ସାହୁ ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ୧୯୯୨ ମସିହାରେ ନିଯୁକ୍ତି ପାଇଥିଲେ । ଏ ସଂକ୍ରାନ୍ତରେ ପ୍ରିୟବ୍ରତ ସୂଚନା ଅଧିକାର ଆଇନ ଅନୁଯାୟୀ ରାଜ୍ୟ ଉଚ୍ଚଶିକ୍ଷା ବିଭାଗକୁ ୨୦୨୪ ଅକ୍ଟୋବର ମାସରେ ସୂଚନା ମାଗିଥିଲେ । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହାକୁ କଲେଜକୁ ପଠାଇ ଦିଆଯାଇଥିଲା । କିନ୍ତୁ ନିର୍ଦ୍ଧାରିତ ସମୟରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ କୌଣସି ତଥ୍ୟ ପ୍ରଦାନ କରାଗଲା ନାହିଁ । କଲେଜ କର୍ତୃପକ୍ଷ ଲେଖିଦେଲେ ଆମ ପାଖରେ ନାହିଁ ବୋଲି ପ୍ରିୟବ୍ରତ କୁହନ୍ତି । ଏହାପରେ ସେ ପୁନର୍ବାର ଅପିଲରେ ମଧ୍ୟ ଯାଇଥିଲେ । ନିୟମ ଅନୁଯାୟୀ ପ୍ରତିବର୍ଷ ଫିଜିବିଲିଟି ରିପୋର୍ଟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ଦିଆଯାଇଥାଏ । ପ୍ରିନ୍ସିପାଲଙ୍କର ଚାରଚକିଆ ଓ ଦୁଇଚକିଆ ଯାନ ସହିତ ଡ୍ରାଇଭିଂ ଲାଇସେନ୍ସ ଥିବା ବେଳେ ସେ କିପରି ଭିନ୍ନକ୍ଷମ ପ୍ରମାଣପତ୍ର ଦେଲେ ବୋଲି ପ୍ରିୟବ୍ରତ ପଶ୍ନ ଉଠାଇଛନ୍ତି । ସେ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଓ ଉତରାଂଚଳ ରାଜସ୍ୱ କମିଶନରଙ୍କୁ ଜଣାଇଥିବା ମଧ୍ୟ ସୂଚନା ଦେଇଥିଲେ । ଏହି ଅଭିଯୋଗ ଉପରେ ଉତ୍ତରାଞ୍ଚଳ ରାଜସ୍ୱ କାର୍ଯ୍ୟାଳୟ ସମ୍ବଲପୁର ପକ୍ଷରୁ ଅତିରିକ୍ତ ସଚିବ ଘଟଣାର ତଦନ୍ତ କରିବା ପାଇଁ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ଏହାର ନକଲ ମଧ୍ୟ ପ୍ରିୟବ୍ରତଙ୍କୁ ପ୍ରଦାନ କରାଯାଇଥିବା ସେ କୁହନ୍ତି । ଏ ସଂକ୍ରାନ୍ତରେ ନିଜ ପ୍ରତିକ୍ରିୟାରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରିନ୍ସିପାଲ ଡ. ଚିତରଞ୍ଜନ ସାହୁ, ଅଭିଯୋଗକୁ ଖଣ୍ଡନ କରିବା ସହିତ କହିଲେ ଯେ, ମୋତେ କେବଳ ଅଯଥାରେ ଟେନସନ ଦେବାସହ ହ୍ୟୁମିଲିଟେଡ୍ କରାଯାଇଛି । ସେଭଳି କିଛି ନାହିଁ । ମୋର ସମସ୍ତ ଡକୁମେଣ୍ଟ ସରକାରଙ୍କର ଡୋମେନରେ ଅଛି । ତଦନ୍ତ ହେଉ, କିଛି ଅସୁବିଧା ନାହିଁ ବୋଲି ପ୍ରିନ୍ସିପାଲ କହିଥିଲେ । ଏହି ଅଭିଯୋଗର ସମସ୍ତ ପତ୍ରାଳାପ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସହରରେ ଚର୍ଚ୍ଚା ଜୋରଧରିଛି।

